## ସଂକ୍ଷେପରେ

### ମାଧପୁର ଧାନ ମଣ୍ଡି ଉଦ୍‌ଘାଟିତ



**ମାଧପୁର,୨୬।୧୨:** ଆଠମଲ୍ଲିକ ବ୍ଲକ ମାଧପୁର ସେବା ସମବାୟ ସମିତିରେ ସୋମବାର ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତି ସଭାପତି ବିଶ୍ୱାମିତ୍ର ମହାଖୁଡ, ସମିତିର ସମସ୍ତ ନିର୍ଦ୍ଦେଶକ, କମିଟିର ସଦସ୍ୟ, ସମିତି ସମ୍ପାଦକ ସର୍ବେଶ୍ୱର ଗୁରାଣ୍ଡି ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମୁଦାୟ ୧୩ ଜଣ ଚାଷୀଙ୍କ ଠାରୁ ୪୩୪ କୁଇଣ୍ଟାଲ ଧାନ କ୍ରୟ ହୋଇଥିବା ଜଣାପଡ଼ିଛି। ଚଳିତ ବର୍ଷ କଟନି ଛଟନି ହିସାବରେ ଧାନ ଦେଖିକି କୁଇଣ୍ଟାଲ ପିଛା ୨ କେଜି କଟାଯିବା ସହିତ ଚାଷୀଙ୍କ ବସ୍ତା ଫେରାଇବାର ବ୍ୟବସ୍ଥା କରାଯାଇଥିବା ସମିତି ସମ୍ପାଦକ ସର୍ବେଶ୍ୱର ଗୁରାଣ୍ଡି ସୂଚନା ଦେଇଛନ୍ତି।

### ଡିନାମାଇଟ ଫୁଟାଇ ଯୁବକ ଗିରଫ

**କଣିହାଁ,୨୬।୧୨(ଡି.ଏନ.ଏ.):** ଜଣେ ବ୍ୟକ୍ତିଙ୍କ ଉପରକୁ ଡିନାମାଇଟ ଫୁଟାଇବା ଅଭିଯୋଗରେ ସମଲ ଥାନା ପୋଲିସ ସମଲ ବ୍ୟାରେଜ ୱାର୍କଚାର୍ଜ କଲୋନୀର ବିଜୁ ବେହେରା (୩୫)ଙ୍କୁ ଗିରଫ କରିଛି। ପୋଲିସ କହିଛି, ଗତ ୧୯ ତାରିଖରେ ସେହି କଲୋନୀର ରବିଚନ୍ଦ୍ର ବେହେରା (୪୫) ନଦୀକୁ ମାଛ ଧରିବାକୁ ଯାଉଥିଲେ। ସେଠାରେ ସେ ତାଙ୍କର ଡଙ୍ଗାଟି ଭାଙ୍ଗି ଯାଇଥିବା ଦେଖି ଗାଳିଗୁଲଜ କରିଥିଲେ। ସେହି ସମୟରେ ନିକଟରେ ଅନ୍ୟ ଏକ ଡଙ୍ଗାରେ ବସି ମାଛ ଧରୁଥିବା ବିଜୁଙ୍କ ସହିତ ରବିଚନ୍ଦ୍ରଙ୍କ ପାଟିତୁଣ୍ଡ ହୋଇଥିଲା। ଏହାପରେ ବିଜୁ ନିକଟରେ ରଖିଥିବା ଡିନାମାଇଟ ରବିଚନ୍ଦ୍ରଙ୍କ ଆଡକୁ ଫୋପାଡ଼ି ଦେଇଥିଲେ। ଏଥିରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ରବିଚନ୍ଦ୍ରଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୪୧୦/୨୦୨୨ରେ ମାମଲା ରୁଜୁ କରିଛି।

# ୧୭ ଜାନୁୟାରୀରେ ବିଶାଳ ଗଣ ବିକ୍ଷୋଭ

### ଚାଷୀ ସୁରକ୍ଷା କମିଟିର ସାଧାରଣ ସଭା



**ଅନୁଗୋଳ ଅଫିସ, ୨୬।୧୨**

ଅନୁଗୋଳ ଜିଲାର ୯୨ଟି ରାଜସ୍ୱ ଗ୍ରାମକୁ ଚକବନ୍ଦୀ ରେକର୍ଡକୁ ଉଚ୍ଛେଦ କରି ଶାବକ ଦଖଲ ଅନୁଯାୟୀ ପଟ୍ଟା ପ୍ରଦାନ ଦାବିରେ ଚାଷୀ ସୁରକ୍ଷା କମିଟି ଆହ୍ୱାନରେ ସହର ଉପକଣ୍ଠ କୁରୁଡ଼ୋଲ ଈଶାନେଶ୍ୱର ମନ୍ଦିର ଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। କମିଟି ସଭ୍ୟ ପ୍ରଦୀପ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ଆସନ୍ତା ୧୭ ତାରିଖରେ ଅନୁଗୋଳ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିଶାଳ ଚାଷୀ ବିକ୍ଷୋଭ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଥିଲା।

ବୈଠକରେ କୁହାଯାଇଥିଲା ଯେ, ଅନୁଗୋଳ ଜିଲାର ୯୨ଖଣ୍ଡ ଗ୍ରାମ ଚକ ଅନୁଯାୟୀ ଚିହ୍ନଟ ନ ହେବା ଫଳରେ ଲୋକେ ଜମିର ସ୍ୱତ୍ୱାଧିକାର ହରାଇ ବସିଛନ୍ତି। ଯେଉଁ ଜମି ୧୯୬୦-୬୨ ମସିହା ପୂର୍ବରୁ ପୁରୁଷାନୁକ୍ରମେ ଦଖଲ କରି ଆସୁଥିଲେ ୧୯୭୧-୭୨ ମସିହାରେ ଚକବନ୍ଦୀ ଆଇନ ଯୋଗୁ ତାହା ଅନ୍ୟ ଚାଷୀ ନାମରେ ଚକ ରେକର୍ଡ ହୋଇଛି। ୪୦ବର୍ଷ ହେଲା କୌଣସି ପ୍ରଜାକୁ ଚକ ଚିହ୍ନଟ ନ ଦେବା ଫଳରେ ସରକାରଙ୍କ ବିଭିନ୍ନ କାର୍ଯ୍ୟ ପାଇଁ ଜମି ଅଧିଗ୍ରହଣ ସମୟରେ କ୍ଷତିପୂରଣ ରାଶି ପୁରୁଷାନୁକ୍ରମେ ଦଖଲ କରୁଥିବା ପ୍ରକୃତ ଚାଷୀ ନ ପାଇ ଚକ ପଟ୍ଟାଧାରୀ ପାଖକୁ ଚାଲିଯାଉଛି। ଏହାର ସମାଧାନ ପାଇଁ ବହୁବାର ଦାବି କଲେ ମଧ୍ୟ ପ୍ରଶାସନ କିମ୍ବା ସରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତେଣୁ ଜିଲା ଚାଷୀ ସୁରକ୍ଷା କମିଟି ଆସନ୍ତା ୧୭ ତାରିଖରେ ବିକ୍ଷୋଭ ପ୍ରଦର୍ଶନ କରିବ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ଏହି ସଭାରେ କମିଟି ସଭାପତି ଭାସ୍କର ଦେହୁରୀ, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ପ୍ରଧାନ, ବ୍ରଜବନ୍ଧୁ ସାହୁ, ସମ୍ପାଦକ କାଳୀଚରଣ ପ୍ରଧାନ, ଉପସଭାପତି ତ୍ରିନାଥ ସାହୁ, ଅନନ୍ତ ଚରଣ ସାହୁ, ସମ୍ପାଦକମଣ୍ଡଳୀ ସଭ୍ୟ ରବୀନ୍ଦ୍ର ସାହୁ, ବିଜୟ ମାଝି, ପଦ୍ମନାଭ ଦାସ, ହର୍ଷବର୍ଦ୍ଧନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତିଷ୍ଠା ଦିବସ ପାଳିଲା ବିଜେଡି

**ଅନୁଗୋଳ ଅଫିସ, ୨୬।୧୨**

ଅନୁଗୋଳ ବିଜୁ ଜନତା ଦଳ ପକ୍ଷରୁ ୨୬ତମ ପ୍ରତିଷ୍ଠା ଦିବସ ସୋମବାର ପାଳନ କରାଯାଇଛି। ଏହି ଉପଲକ୍ଷେ ଅନୁଗୋଳ ନଗର ବିଜେଡି ପକ୍ଷରୁ ବିଜୁ ମୈଦାନ ସ୍ଥିତ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ନଗର ଯୁବ ବିଜେଡି ସଭାପତି ବିଶ୍ୱରଞ୍ଜନ ସାହୁ, କାଉନସିଲର ସଦାନନ୍ଦ ପଣ୍ଡା, ରଞ୍ଜିତ ମାଣ୍ଡୋଠିଆ, ବଳରାମ ଜେନା, ଟୁନି ପ୍ରଧାନ, ସୂର୍ଯ୍ୟସ୍ନାତା ସାହୁ, ସୁକାନ୍ତି ଦାସ, ନଗର ମହିଳା ବିଜେଡି ସଭାପତି ମାଳିନୀ ସର, ନଗର ଛାତ୍ର ବିଜେଡି ସଭାପତି ଦେବବ୍ରତ ନାଏକ, ବୁଢା ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।



ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ବିଜେଡି ନେତାମାନେ।

# ବାଜପେୟୀଙ୍କ ଜୟନ୍ତୀ



**ବଇଣ୍ଡା,୨୬।୧୨(ଡି.ଏନ.ଏ.)**

କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିର ନିକଟରେ ରବିବାର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୭ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଧ୍ରୁବଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀରେ ମୁଖ୍ୟଅତିଥି ଭାବେ ଭାଜପା ନେତା ଭାଗୀରଥି ପ୍ରଧାନ ଯୋଗଦେଇ ବାଜପେୟୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଅରବିନ୍ଦ ସାହୁ, ରାଜେନ୍ଦ୍ର ସାହୁ, ଅଜିତ ପଟ୍ଟନାୟକ, କରୁଣାକର ପ୍ରଧାନ, ନିରଞ୍ଜନ ରାଉଳଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ।

# ଜିଲାରୁ ଗଲେ ୨ ଡାକ୍ତର

**ଅନୁଗୋଳ ଅଫିସ, ୨୬।୧୨**

ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଡାକ୍ତରଙ୍କର ଅଦଳବଦଳ କରାଯାଇଛି। ସରକାରଙ୍କ ଚିଠି ନଂ ୨୯୮୦୬/୨୬।୧୨।୨୦୨୨ ଅନୁଯାୟୀ ଅନୁଗୋଳ ଜିଲାରୁ ୨ ଜଣ ଡାକ୍ତରଙ୍କୁ ବଦଳି କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ମେଡିସିନ୍ ବିଭାଗ ଡାକ୍ତର ଦିଗାମ୍ବର ସାହୁଙ୍କୁ ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ବଦଳି କରାଯାଇଛି। ସେହିଭଳି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଦିଲୀପ କୁମାର ପଟ୍ଟନାୟକଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ବଦଳି କରାଯାଇଛି। ତେବେ କଟକ ଚାଉଳିଆଗଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ପ୍ରଦୀପ କୁମାର ମଲ୍ଲିକଙ୍କ ପଦୋନ୍ନତି ପରେ ଅନୁଗୋଳକୁ ବଦଳି କରାଯାଇଛି। ଏଥିସହ ସର୍ଜରି ବିଭାଗର ସ୍ୱତନ୍ତ୍ର କାର୍ଯ୍ୟ ମଧ୍ୟ ପ୍ରଦାନ କରାଯାଇଛି।

# ୧୧ରୁ ଟ୍ରକ୍ ଧର୍ମଘଟ ନିଷ୍ପତ୍ତି

**ତାଳଚେର,୨୬।୧୨(ନି.ପ୍ର.)**

ଓଡ଼ିଶା ରାଜ୍ୟ ଟ୍ରକ ମାଲିକ ମହାସଂଘ ସେଣ୍ଟ୍ରାଲ ଜୋନ୍‌ର ତାଳଚେରଠାରେ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘ ସଭାପତି ବିଭୂତି ପ୍ରସାଦ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ୧୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଣା ଗାଡ଼ିକୁ ରାସ୍ତାରୁ ହଟାଇବା ନେଇ ସରକାରଙ୍କ ନିଷ୍ପତ୍ତି, ଟ୍ରକ୍ ଭଡ଼ା ଧାର୍ଯ୍ୟ ନ କରିବା ଆଦି ଦାବିରେ ଜାନୁୟାରୀ ୧୧ ତାରିଖରୁ ରାଜ୍ୟବ୍ୟାପୀ ଅନିର୍ଦ୍ଦିଷ୍ଟକାଳ ପାଇଁ ଟ୍ରକ ଧର୍ମଘଟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପୂର୍ବରୁ ଏ ନେଇ ପରିବହନ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପରିବହନ ସଚିବ ଓ ପରିବହନ କମିଶନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ। ପୁରୁଣାଗାଡ଼ିକୁ ବନ୍ଦ କରାଗଲେ




ହଜାର ହଜାର ଟ୍ରକ ମାଲିକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବେ। କୋଭିଡ ଯୋଗୁ ଟ୍ରକ୍ ମାଲିକଙ୍କ ଆର୍ଥିକ ସ୍ଥିତି ଦୋହଲି ଯାଇଥିବାରୁ ୨ ବର୍ଷ ସମୟ ଦେବା, ଅନ୍ୟ ରାଜ୍ୟରେ ଲାଗୁ ନ ହେବା ପର୍ଯ୍ୟନ୍ତ ପୁରୁଣା ଗାଡ଼ି ହଟାଇବା ନିଷ୍ପତ୍ତି ସ୍ଥଗିତ ରଖିବା ଓ ପୁରୁଣା ଗାଡ଼ିର ଦାମ ବାବଦକୁ ନୂଆ ଗାଡିର ୨୦ ପ୍ରତିଶତ ଦାମ ଦେବା, ନୂଆ ଗାଡ଼ି କିଣିଲେ ୨୫ ପ୍ରତିଶତ ରୋଡ୍‌ଟାକ୍ସ ୧୦ ବର୍ଷ ପର୍ଯ୍ୟନ୍ତ ଛାଡ୍ କରିବା, ୧୫ ବର୍ଷ ପରିବର୍ତ୍ତେ ୨୦ ବର୍ଷରୁ ଊର୍ଦ୍ଧ୍ୱ ଗାଡ଼ିକୁ ଅକାମି କରିବାକୁ ବୈଠକରେ ଦାବି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ଶତପଥୀ, ଦିଲୀପ ପାଣି, ଶିବପ୍ରସାଦ ମିଶ୍ର, ରାଜୀବ ଜେନା, ସୁମନ୍ତ ବିଶ୍ୱାଳ, ପ୍ରମୋଦ ଜେନା, ଶରତ ବଳସାମନ୍ତ, ସେଣ୍ଟ୍ରାଲ ଜୋନ ଅନୁଗୋଳ ଜିଲା ଟ୍ରକ ମାଲିକ ସଂଘ, ନାଲକୋ ନଗର ଟ୍ରକ ମାଲିକ ସଂଘ, ନାଲକୋ ପେରିଫେରି ଟ୍ରକ ମାଲିକ ସଂଘ, ଢେଙ୍କାନାଳ ଜିଲା ଟ୍ରକ ମାଲିକ ସଂଘ, ତାଳଚେର ଟ୍ରକ ମାଲିକ ସଂଘର କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ମହାରଣା, ସାଧାରଣ ସମ୍ପାଦକ ଫିରୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ରୋଷେଇ ଘରୁ ନାଗ ଉଦ୍ଧାର



### ଆତଙ୍କିତ ଥିବା ପରିବାର ହେଲେ ଆଶ୍ୱସ୍ତ

**ଅନୁଗୋଳ ଅଫିସ, ୨୬।୧୨**

ରୋଷେଇ ଘର ଭିତରେ ଥିବା ଗାତରେ ରହି ଜଣେ ମହିଳା ଓ ଏକ ବିଲେଇକୁ ଦଂଶନ କରିଥିବା ନାଗସାପକୁ ସୋମବାର ସର୍ପମିତ୍ର ଆଦିତ୍ୟ ବେହେରା ଉଦ୍ଧାର କରିଛନ୍ତି। ଫଳରେ ୨ ଦିନ ଧରି ଆତଙ୍କିତ ଅବସ୍ଥାରେ ଥିବା ପରିବାରକୁ ଆଶ୍ୱସ୍ତି ମିଳିଛି। ଛେଣ୍ଡିପଦା ବ୍ଲକ କିସିଣ୍ଡା ଗ୍ରାମରେ ଏହି ଘଟଣା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, କିସିଣ୍ଡା ଗ୍ରାମର ସୌଦାମିନୀ ନାୟକଙ୍କୁ ଗତ ୨୪ ତାରିଖରେ ଏକ ନାଗ ସାପ କାମୁଡ଼ିଦେଇ ରୋଷେଇଘର ଗାତ ଭିତରେ ପଶିଯାଇଥିଲା। ସୌଦାମିନୀଙ୍କୁ ପ୍ରଥମେ ଅନୁଗୋଳ ଓ ପରେ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ୨୫ ତାରିଖରେ ସେହି ସାପ ଏକ ବିଲେଇକୁ କାମୁଡ଼ି ଦେବାରୁ ବିଲେଇର ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ସୌଦାମିନୀଙ୍କ ପରିବାର ଅଧିକ ଆତଙ୍କିତ ହୋଇପଡ଼ିଥିଲେ। ଖବରପାଇ ସର୍ପମିତ୍ର ଆଦିତ୍ୟ ଓ ପିଣ୍ଟୁ ବେହେରା, ସହଯୋଗୀ ରାଜେଶ ରଞ୍ଜନ ସାହୁ, କାହ୍ନୁ ଦେହୁରୀଙ୍କ ସହିତ ପହଞ୍ଚି ୩ ଘଣ୍ଟା ପରିଶ୍ରମ କରି ଗାତ ଭିତରୁ ୪ ଫୁଟର ନାଗ ସାପକୁ ଉଦ୍ଧାର କରିଥିଲେ। ପରେ ସାପଟିକୁ ପ୍ରାକୃତିକ ଆବାସସ୍ଥଳୀରେ ସୁରକ୍ଷିତ ଭାବେ ଛାଡି ଦିଆଯାଇଥିଲା।

# ୭ ଅଭିଯୋଗର ତୁରନ୍ତ ଫଇସଲା



ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀମାନେ।

**ଅନୁଗୋଳ ଅଫିସ,୨୬।୧୨**

ଅନୁଗୋଳ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା ଯୋଗ ଦେଇଥିଲେ। ଦାଖଲ ହୋଇଥିବା ସମୁଦାୟ ୪୬ଟି ଅଭିଯୋଗରୁ ୪୦ଟି ବ୍ୟକ୍ତିଗତ ଓ ୬ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ରେଡକ୍ରସ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଜଣଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହାଛଡା ଦାଖଲ ହୋଇଥିବା ସମୁଦାୟ ୪୬ଟି ଅଭିଯୋଗ ମଧ୍ୟରୁ ୭ଟି ଅଭିଯୋଗର ଫଇସଲା ଶିବିରରେ କରାଯାଇଥିଲା। ଏହି ଶିବିରକୁ ଆସିଥିବା ଲୋକମାନେ ଜମିଜମା, ନିଯୁକ୍ତି, ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତା, ରାଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସମେତ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଦାଖଲ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଳିତ ମୋହନ ବେହେରା, ଅନୁଗୋଳ ଉପଜିଲାପାଳ ବଇଦୁରା ଦୀପ, ଆସିଷ୍ଟାଣ୍ଟ କଲେକ୍ଟର ମଧୁସ୍ମିତା ବିଶି ଓ ଜିଲା ମୁଖ୍ୟଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟଅଧିକାରୀମାନେ ଯୋଗ ଦେଇଥିଲେ।

# ଭଲିବଲ ଟୁର୍ନାମେଣ୍ଟ: ସନ୍ଥପଡ଼ା ଚାମ୍ପିୟନ

**ତାଳଚେର, ୨୬।୧୨ (ନି.ପ୍ର.)**

ତାଳଚେର ବ୍ଲକ ଘଣ୍ଟପଡ଼ା ତୋଫାନ ଯୁବକ ସଂଘ ଓ ନେହେରୁ ଯୁବକେନ୍ଦ୍ର ଅନୁଗୋଳ ମିଳିତ ସହଯୋଗରେ ଆୟୋଜିତ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଗତ ୨୪ ତାରିଖରେ ଘଣ୍ଟପଡ଼ା ଗ୍ରାମ କମିଟି ଉପସଭାପତି ବିପିନି ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମ ସମ୍ପାଦକ ପ୍ରମୋଦ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ପ୍ରଧାନ ଓ ମୁଖ୍ୟବକ୍ତା ଭାବେ ବିକାଶ ଚନ୍ଦ୍ର ସାହୁ ଅତିଥିଭାବେ ଉପସ୍ଥିତ ଥିଲେ। ସନ୍ଥପଡ଼ା ଓ ଗୋବରା ଦଳ ମଧ୍ୟରେ ଫାଇନାଲ ମ୍ୟାଚ ରବିବାର ଖେଳାଯାଇଥିଲା। ଏଥିରେ ଗୋବରାକୁ ହରାଇ ସନ୍ଥପଡ଼ା ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ବିଭୂତି ସାହୁ, ଧୀରମୋହନ ରାୟ, ମଦନମୋହନ ସାହୁ ଓ ସୌଭାଗ୍ୟ ଚନ୍ଦ୍ର ନାୟକ, ରାଜୀବ ଦାସ, ତପନ କୁମାର ସାମଲ ଯୋଗଦେଇଥିଲେ। ସଂଘ ସଭାପତି ଧୀରେନ୍ଦ୍ର ଦାସ, ସାଗର ପ୍ରଧାନ, କାହ୍ନୁଚରଣ ଦାସ, ପ୍ରଫୁଲ୍ଲ କୁମାର ଦାସ, ଟିକନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଚାମ୍ପିୟନ ଦଳକୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# ସବୁ ଜିଲାରେ ଆନ୍ଦୋଳନ କରିବ ଏବିଭିପି

**ଅନୁଗୋଳ ଅଫିସ, ୨୬।୧୨**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ୪୭ତମ ରାଜ୍ୟ ଅଧିବେଶନ ଅନୁଗୋଳ ସରସ୍ୱତୀ ଶିଶୁ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୩୦ଟି ଜିଲାରେ ଥିବା ୧୭୭ଟି ମହାବିଦ୍ୟାଳୟରୁ୨୫୭ ଜଣ ଛାତ୍ରୀ, ୪୩୬ ଛାତ୍ର ଓ ୨୧ ଅଧ୍ୟାପକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପରମହଂସ ପ୍ରଜ୍ଞାନାନନ୍ଦ ଜୀ ମହାରାଜ ମୁଖ୍ୟ ଅତିଥି ଓ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଯୋଗଦେଇଥିଲେ ବୋଲି ଏବିଭିପି ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି।

ଅଧିବେଶନରେ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ଦୟନୀୟ ସ୍ଥିତି ଉପରେ ଆଲୋଚନା କରାଯିବା ସହ ରାଷ୍ଟ୍ରୀୟ ଶିକ୍ଷାନୀତିକୁ ପ୍ରଣୟନ କରିବା ଓ ଶିକ୍ଷାର ଭିତ୍ତିଭୂମିକୁ ସୁଦୃଢ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆଗାମୀ ଦିନରେ ଏସବୁ ବିଷୟକୁ ନେଇ ବିଦ୍ୟାର୍ଥୀ ପରିଷଦ ସରକାରଙ୍କ ଆଗରେ ଦାବି ଉପସ୍ଥାପନ କରିବା ସହ ଏହାର ସମାଧାନ ନ ହେଲେ ଆନ୍ଦୋଳନ କରିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ରାଜ୍ୟରେ ଖାଲିଥିବା ଅଧ୍ୟାପକ ପଦବୀ ପୂରଣ, ଯୁବଗୋଷ୍ଠୀ କିଭଳି ରୋଜଗାରକ୍ଷମ ହେବେ ସେ ନେଇ ସରକାରଙ୍କୁ ପ୍ରସ୍ତାବ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଥିଲା। ସବୁ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଆସନ୍ତା ଦୁଇ ଦିନ ମଧ୍ୟରେ ଅବଗତ କରାଯିବ। ଏହାକୁ ସରକାର ବିଚାର କରି ପଦକ୍ଷେପ ଗ୍ରହଣ ନ କଲେ ଜାନୁୟାରୀ ୧୨ରୁ ୩୦ ମଧ୍ୟରେ ସମସ୍ତ ଜିଲାରେ ଆନ୍ଦୋଳନ କରାଯିବ। ପରେ ଭୁବନେଶ୍ୱରଠାରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା। ସେହିଭଳି ଫେବୃୟାରୀ ୩ରୁ ୫ ତାରିଖରେ ଭୁବନେଶ୍ୱରରେ ରାଜ୍ୟ ବାହାରର ଏବିଭିପି କର୍ମକର୍ତ୍ତାଙ୍କୁ ନେଇ ଆନ୍ତଃ ରାଜ୍ୟ ଜୀବନ ଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମ୍ବଲପୁର ଠାରେ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଆନ୍ତଃ ରାଜ୍ୟ ଜୀବନ ଦର୍ଶନ କାର୍ଯ୍ୟକ୍ରମ ମାଧ୍ୟମରେ ପୂର୍ବୋତ୍ତର ୭ଟି ରାଜ୍ୟରୁ ବିଦ୍ୟାର୍ଥୀମାନେ ଓଡ଼ିଶା ଆସି ଏଠାକାର କଳା ସଂସ୍କୃତି ବିଷୟରେ ଜାଣିବେ ବୋଲି ଏବିଭିପି ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଏଥିସହ ରାଜ୍ୟ ସଭାପତି ଭାବେ ଅଧ୍ୟାପିକା ଗାର୍ଗୀ ବାନାର୍ଜୀ ଓ ସମ୍ପାଦକ ଭାବେ ଅରିଜିତ ପଟ୍ଟନାୟକ ଏବଂ ଅନ୍ୟ କର୍ମକର୍ତ୍ତାଙ୍କୁ ନିର୍ବାଚିତ କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଅରିଜିତ ପଟ୍ଟନାୟକଙ୍କ ସହ ଅନୁଗୋଳ ଜିଲା ସଂଯୋଜକ ଗୁଣନିଧି ତ୍ରିପାଠୀ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାଜେଶ ମାଝି ଉପସ୍ଥିତ ଥିଲେ।



# ବିଜେଡି ସରକାରକୁ ତୀବ୍ର ସମାଲୋଚନା

### ଅନୁଗୋଳ ଜିଲାର ସମସ୍ତ ମଣ୍ଡଳରେ ଭାଜପାର ସତ୍ୟାଗ୍ରହ

**ଅନୁଗୋଳ ଅଫିସ/ବଇଣ୍ଡା/କଣିହାଁ,/ଛେଣ୍ଡିପଦା, ୨୬।୧୨**

ରାଜ୍ୟ ସରକାରଙ୍କ କାର୍ଯ୍ୟକୁ ନେଇ ତୀବ୍ର ଅସନ୍ତୁଷ୍ଟ ଥିବା ଭାଜପା ସୋମବାର ବିଜେଡିର ପ୍ରତିଷ୍ଠା ଦିବସରେ ସତ୍ୟାଗ୍ରହ କରିଛି। ଅନୁଗୋଳର ସମସ୍ତ ମଣ୍ଡଳରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ନିକଟରେ ଦଳ ପକ୍ଷରୁ ଏହି ସତ୍ୟାଗ୍ରହ କରାଯାଇଛି। ଅନୁଗୋଳ ଗୋପବନ୍ଧୁ ପାର୍କ ସମ୍ମୁଖରେ ଭାଜପା ଜିଲା ସଭାପତି ଡିଲେଶ୍ୱର ପ୍ରଧାନ, ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ବିଜେଡି ସରକାରକୁ ତୀବ୍ର ସମାଲୋଚନା କରିଥିଲେ। ୨୩ ବର୍ଷର ବିଜୁ ଜନତା ଦଳର ଶାସନରେ ରାଜନୀତିରେ ଅପରାଧୀକରଣ ସୃଷ୍ଟି କରିବା, ବିଜେଡି ନେତାମାନେ ଅପରାଧରେ ସମ୍ପୃକ୍ତ ଥିବାର ପ୍ରମାଣ ମିଳୁଥିବା ବେଳେ ପୋଲିସ ପ୍ରଶାସନ ସେମାନଙ୍କୁ ଖସାଇବାରେ ସିଦ୍ଧହସ୍ତ ସାଜିଛି ବୋଲି ଭାଜପା ନେତାମାନେ ଅଭିଯୋଗ କରିଥିଲେ। ଏହି



ସତ୍ୟାଗ୍ରହରେ ଭାଜପା ନେତା ଦିଲୀପ ପ୍ରଧାନ, ଜିଲା ଭାଜପା କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଦିଲୀପ ଦାସ, ନମିତା ଦଳ ବେହେରା, କାଉନସିଲର ନିରଞ୍ଜନ କର, ସୁଚିସ୍ମିତା ତ୍ରିପାଠୀ, ରୁଚିର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କିଶୋରନଗର ବ୍ଲକ ବାମୁରଠାରେ ଭାଜପା ପକ୍ଷରୁ ସତ୍ୟାଗ୍ରହ କରାଯାଇଥିଲା। ହୃଦାନନ୍ଦ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସଞ୍ଜୀବ କୁମାର ସାହୁ, ଏମ୍‌ପିଙ୍କ ପ୍ରତିନିଧି ପ୍ରବୋଧ ବେହେରା, ବିଧାନସଭା ସଂଯୋଜକ ଅଲେଖ ପ୍ରଧାନ, ଜିଲାମୋର୍ଚ୍ଚାର ସରୋଜ ସାହୁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମେଶ ଜେନା, କୁମୁଦ ଚନ୍ଦ୍ର ପ୍ରଧାନ, ମୋତିଲାଲ ପ୍ରଧାନ, ରତ୍ନାକର ପ୍ରଧାନ, ସନ୍ତୋଷ ପ୍ରଧାନ, ଅଖିଳ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଣିହାଁ ମଣ୍ଡଳ ଭାଜପା ପକ୍ଷରୁ ସତ୍ୟାଗ୍ରହ ଦିବସ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଦେବେନ୍ଦ୍ର ବାରିକ ନେତୃତ୍ୱରେ ଜିଲା ମିଡିଆ ସେଲ ଅଧ୍ୟକ୍ଷ ପର୍ଶୁରାମ ବାରିକ, ପୂର୍ବତନ ସରପଞ୍ଚ ଲୋକନାଥ ସାହୁ, ତାଳଚେର ଭାଜପା ମିଡିଆ ସେଲ ଅଧ୍ୟକ୍ଷ ସୁଶାନ୍ତ ସାମଲ, କର୍ଣ୍ଣ ଭୂତିଆ, ସନ୍ତୋଷ ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ। ରେଙ୍ଗାଳି ପ୍ରକଳ୍ପ ଲକ୍ଷ୍ମୀ ବଜାରଠାରେ ମଣ୍ଡଳ ସଭାପତି ତ୍ରିପୁରାରୀ ପ୍ରଧାନଙ୍କ ନେତୃତ୍ୱରେ ଜିଲା ଓବିସି ମୋର୍ଚ୍ଚା ଉପସଭାପତି ସୁମନ୍ତ ପ୍ରଧାନ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଧ୍ରୁବଚରଣ ଧିର, ଭାସ୍କର ସାମଲ, ପଦ୍ମଚରଣ ନାଏକ ପ୍ରମୁଖ ସତ୍ୟାଗ୍ରହ କରିଥିଲେ। ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଛେଣ୍ଡିପଦା, କୋଶଳା, ଜରପଡା ଓ ବାଗଡିଆର ଖମାର ଆଦି ୬ଟି ମଣ୍ଡଳରେ ସତ୍ୟାଗ୍ରହ ପାଳିତ ହୋଇଯାଇଛି। ଛେଣ୍ଡିପଦା ମଣ୍ଡଳ ସଭାପତି ଗୋପବନ୍ଧୁ ଗଡନାୟକ, ଯଶୋବନ୍ତପ୍ରସାଦ ବେହେରା, ଅକ୍ଷୟପାଦ ବେହେରା, ଦୀପକ ପ୍ରଧାନ, କୋଶଳା ମଣ୍ଡଳ ସଭାପତି ଧୋବେଇ ସାହୁ, ଅନୁଗୋଳ ଜିଲା ସଭାପତି ଡିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଗସ୍ତି ବେହେରା, ବିଜୟ ମାଝି, ଜରପଡା ମଣ୍ଡଳ ସଭାପତି ଚିତ୍ରସେନ ସାହୁ, ବରିଷ୍ଠ ନେତା ରୁଦ୍ରନାରାୟଣ ପାଣୀ, ସୁବୋଧ ପ୍ରଧାନ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୭ ଡିସେମ୍ବର, ୨୦୨୨



## ସଂକ୍ଷେପରେ

### ଶ୍ରମିକନେତାଙ୍କ ଶେଷକୃତ୍ୟ ସମ୍ପନ୍ନ

**ତାଳଚେର, ୨୬।୧୨(ନି.ପ୍ର.):** ଢେଙ୍କାନାଳ ଦତ୍ତାତ୍ରେୟ ସାଇ ଆଶ୍ରମର ପ୍ରତିଷ୍ଠାତା, ଅଧକ୍ଷ ତଥା ବରିଷ୍ଠ ଶ୍ରମିକ ନେତା ଦ୍ୱାରିକା ମୋହନ ମିଶ୍ରଙ୍କ ଶେଷକୃତ୍ୟ ସୋମବାର ଭୁବନେଶ୍ୱରସ୍ଥିତ ସତ୍ୟନଗର ଶ୍ମଶାନରେ ସମ୍ପନ୍ନ ହୋଇଛି। ସକାଳୁ ତାଙ୍କ ମୃତଦେହକୁ ଶୋଭାଯାତ୍ରାରେ ପୈତୃକ ଗ୍ରାମ ତାଳଚେର ରେମୁଆଁ ପରିକ୍ରମା କରାଯିବା ପରେ ଭୁବନେଶ୍ୱର ଅଭିମୁଖେ ନିଆଯାଇଥିଲା। ଗଜପତିନଗରସ୍ଥିତ ତାଙ୍କ ବାସଭବନରେ ମୃତଦେହ ପହଞ୍ଚିବା ପରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ଏହାପରେ ତାଙ୍କ ମରଶରୀରକୁ ସତ୍ୟନଗର ନିଆଯାଇ ଶେଷକୃତ୍ୟ କରାଯାଇଥିଲା। ବଡ଼ପୁଅ ଶାନ୍ତିବର୍ଦ୍ଧନ ମିଶ୍ର ମୁଖାଗ୍ନି ଦେଇଥିଲେ।

### କର୍ମଚାରୀ ସଂଘ କର୍ମକର୍ତ୍ତା ନିର୍ବାଚନ

**ଢେଙ୍କାନାଳ ଅଫିସ,୨୬।୧୨:** ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ଢେଙ୍କାନାଳ ଜିଲା କଙ୍କଡାହାଡ ବ୍ଲକ ଶାଖାର ଏକ ବୈଠକ ଦଧିବାମନ ହାଇସ୍କୁଲ କନ୍ଦରା ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ସଭାପତି ନିରଞ୍ଜନ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲା ଉପଦେଷ୍ଟା ପ୍ରମୋଦ କୁମାର ରାଉତ, ଜିଲା ସମ୍ପାଦକ ନୀଳମଣି ବାରିକ, ଜିଲା କୋଷାଧକ୍ଷ ମିନି ସାହୁ, ଜିଲା ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭୋଳେଶ୍ୱର ନାୟକ ଓ ଉପସଭାପତି ରେବତୀ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବୈଠକରେ ଅବସରକାଳୀନ ବୟସ ସୀମା ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି, ୪ର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ଗ୍ରେଡ୍ ପେ ୧୫୦୦ ପରିବର୍ତ୍ତେ ୨୮୦୦ ଟଙ୍କାକୁ ବୃଦ୍ଧି, ରେଗୁଲାର କର୍ମଚାରୀ ଭଳି ସୁବିଧା ଦାବି କରାଯାଇଥିଲା। ଏହି ଅବସରରେ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଭାପତି ଭାବେ କଙ୍କଡାହାଡ଼ ବ୍ଲକର ଦୁର୍ଯ୍ୟୋଧନ ସାହୁ, ଉପସଭାପତି ବିଶ୍ୱନାଥ ବେହେରା, ସମ୍ପାଦକ ବୀପ୍ରବର ମହାଲିକ, ସହସମ୍ପାଦକ ରମାକାନ୍ତ ସାହୁ, କୋଷାଧକ୍ଷ ତ୍ରିନାଥ ଦେହୁରୀ ଓ ଅମ୍ବିକା ମହନ୍ତ, ବାଳକୃଷ୍ଣ ସାହୁ, ରମେଶ ସିଂ, ଦମୟନ୍ତୀ ଦେହୁରୀ, ଗୋବର୍ଦ୍ଧନ ମହନ୍ତ ଓ ରୁକ୍ମଣୀ ଦେହୁରୀ ପ୍ରମୁଖ ମନୋନୀତ ହୋଇଥିଲେ।

### ପାଚିକା ସହାୟିକା ସଂଘ ବୈଠକ

**ଢେଙ୍କାନାଳ ଅଫିସ,୨୬।୧୨:** ଢେଙ୍କାନାଳ ଯାଉଁଳିପୋଖରୀ ମଠ ପ୍ରାଙ୍ଗଣରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଏମ୍‌ଡିଏସ୍. ପାଚିକା ସହାୟିକା ସଂଘର ବୈଠକ ରବି ରଥଙ୍କ ସଭାପତିତ୍ୱରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦିକା ଭାରତୀ ଦାସ କାର୍ଯ୍ୟକ୍ରମରେ ଯୋଗଦେଇ ପାଚିକା ସହାୟିକାମାନଙ୍କୁ ଶ୍ରମିକ ମାନ୍ୟତା, ସର୍ବନିମ୍ନ ମଜୁରି, ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଦିଆଯାଉଥିବା ସୁବିଧା ପାଚିକା ସହାୟିକାମାନଙ୍କୁ ପ୍ରଦାନ କରିବା ଆଦି ବିଭିନ୍ନ ଦାବି ନେଇ ଆସନ୍ତା ୩୦ ତାରିଖରେ ଆନ୍ଦୋଳନ ସଙ୍ଗଠିତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ମଜୁରି ଉପରେ ରାଜ୍ୟ ସରକାର ଘୋଷଣା ନ କଲେ ବିଧାନସଭା ଚାଲୁଥିବା ସମୟରେ ଗଣଧାରଣା ଦିଆଯିବ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ପୁଷ୍ପଲତା ଦାସ, ଭବାନୀ ସାହୁ, ବାସନ୍ତୀ ପାଳ, ସୁଷମା ଦାସ, ଅଞ୍ଜଳି ବାରିକ,ସନ୍ଧ୍ୟା ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୮ ଦଫା ଦାବି ନେଇ ଗର୍ଜିଲେ ଅଙ୍ଗନୱାଡ଼ି କର୍ମୀ

**ଢେଙ୍କାନାଳ ଅଫିସ,୨୬।୧୨**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଭାରତୀୟ ମଜଦୁର ସଂଘ ସଂଲଗ୍ନ ଅଲ୍ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନ ପକ୍ଷରୁ ୮ଦଫା ଦାବି ନେଇ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଅଙ୍ଗନୱାଡି କର୍ମୀମାନେ ସ୍ଥାନୀୟ ମିନି ଷ୍ଟାଡିୟମଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଆସି ଜିଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ଧାରଣା ଦେଇଥିଲେ। ୨୦୧୮ ଆନ୍ଦୋଳନ ସମୟରେ ବହିଷ୍କୃତ ହୋଇଥିବା ୬ଜଣ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି ପ୍ରଦାନ କରାଯିବା, ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ ସହିତ ମାସିକ ୧୮ ହଜାର ଓ ସହାୟିକା ମାନଙ୍କୁ ୯ ହଜାର ଟଙ୍କା ପ୍ରଦାନ ଏବଂ ଇପିଏଫ୍, ଇଏସ୍‌ଆଇସି ଓ ଗ୍ରାଚ୍ୟୁଟିରେ ଅନ୍ତର୍ଭୁକ୍ତ କରାଯିବା, ମିନି ଅଙ୍ଗନୱାଡି ଉଚ୍ଛେଦ କରି ଏହାର କର୍ମୀଙ୍କୁ ମୁଖ୍ୟ ଅଙ୍ଗନୱାଡି କର୍ମୀର ମାନ୍ୟତା ପ୍ରଦାନ,


ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଅଙ୍ଗନୱାଡି କର୍ମଚାରୀ ଓ ସହାୟିକାଙ୍କୁ ଅବସରକାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କା ଓ ପେନସନ ମାସିକ ୫ହଜାର ଟଙ୍କା ପ୍ରଦାନ, ମୃତ୍ୟୁକାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କା ସହିତ ପରିବାରର ଜଣଙ୍କୁ ଚାକିରି ଦିଆଯିବା ଆଦି ୮ଦଫା ଦାବି କରାଯାଇଥିଲା। ଏଥିସହ ଆସୋସିଏଶନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭ ଶୋଭାଯାତ୍ରାରେ ଢେଙ୍କାନାଳ ଜିଲା ସଭାପତି ପଙ୍କଜିନୀ ପଣ୍ଡା, ସାଧାରଣ ସମ୍ପାଦିକା ମାନସୀ ମହାପାତ୍ର, କୋଷାଧକ୍ଷା ସ୍ୱର୍ଣ୍ଣପ୍ରଭା ମିଶ୍ର, ଭାରତୀୟ ମଜଦୁର ସଂଘ ପକ୍ଷରୁ ଶ୍ରୀନିବାସ ଖୁଣ୍ଟିଆ, କେନ୍ଦ୍ରୀୟ ନେତ୍ରୀ ସୁରଭି ସ୍ୱାଇଁ, ରାଜ୍ୟ ସଂଘ ସାଧାରଣ ସମ୍ପାଦିକା ଝୁନୁମା ଶତପଥୀ, ସମ୍ପାଦକ ସଞ୍ଜୟ ବେହେରା, ଶ୍ରୀପ୍ରସାଦ ମିଶ୍ର, ମଞ୍ଜୁଲତା ପୃଷ୍ଟି, ନୀଳାଞ୍ଜଳି ରଥ, ସନ୍ଧ୍ୟାରାଣୀ ମହାନ୍ତି, ଶାନ୍ତିଲତା ଶତପଥୀ, ଅରୁଣା ସାହୁ, ନିଲମ ବେହେରା ଓ କିରଣବାଳା ସାହୁଙ୍କ ସମେତ ବହୁ ସଦସ୍ୟ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା

**ଢେଙ୍କାନାଳ ଅଫିସ,୨୬।୧୨**

ଢେଙ୍କାନାଳ ଜିଲା ନବନିର୍ମାଣ କୃଷକ ସଙ୍ଗଠନର ସଭାପତି ବୀପ୍ରବର ସାହୁଙ୍କ ଅଧକ୍ଷତାରେ ସୋମବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ସାଧାରଣ ସଭା ସହ ଧାରଣା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ ଚାଷୀମାନଙ୍କ ସମସ୍ୟା ସହ ଧାନମଣ୍ଡିର ଅବ୍ୟବସ୍ଥା ସମ୍ପର୍କରେ କହିଥିଲେ। ମିଲରଙ୍କ ସୋସାଇଟି ସହିତ ମଧୁଚନ୍ଦ୍ରିକା, ଧାନ ଅଖା ଫେରସ୍ତ, ସମସ୍ତ ଜମିକୁ ଜଳସେଚନ, କୃଷିଋଣ ଛାଡ, ଫସଲ ବୀମା ବାବଦରେ ତୁରନ୍ତ ଚାଷୀଙ୍କୁ ଫସଲ ବୀମା ପ୍ରଦାନ, ବାର୍ଦ୍ଧକ୍ୟ ଭତ୍ତା ୨୦୦୦ ଟଙ୍କାକୁ ବୃଦ୍ଧି, ଜମି ଖର୍ଦ୍ଦବିକ୍ରି ଓ ପରିବାରରେ ଭାଗ ବଣ୍ଟା ଆଇନକୁ କୋହଳ କରିବା, ଧାନମଣ୍ଡିରେ କଟ୍‌ନିଛଟ୍‌ନି ବନ୍ଦ କରିବା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବରିଷ୍ଠ ସଦସ୍ୟ ଶଶାଙ୍କ ଶେଖର ରଥ, ଜିଲା ପ୍ରଭାରୀ ଅଶ୍ୱିନୀ କୁମାର ଜେନା, ସହସଂଯୋଜକ ପ୍ରହଲ୍ଲାଦ ସାହୁ, ଜିଲା ସଂଯୋଜକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ସର୍ବୋଦୟ ସଙ୍ଗଠନର ସଭାପତି ଆଇନଜୀବୀ ପ୍ରଦୀପ କୁମାର ସାହୁ, ଓଡାପଡା ବ୍ଲକ ସଂଯୋଜକ ସୁଧାକର ପରିଡା, ଚାଷୀ ନେତା ବାମଦେବ ପରିଡା, ଭୁବନ ସଂଯୋଜକ ରଥ ସେଠୀ, ସଦର ବ୍ଲକ ସଂଯୋଜକ ନକୁଳ ରାଉତ, କଙ୍କଡାହାଡର ମୁଖ୍ୟ ଉପଦେଷ୍ଟା ମହେଶ୍ୱର ନାୟକ ଯୋଗ ଦେଇଥିଲେ।


ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ହୋଇଥିବା ପ୍ରତିବାଦ ସଭା।

# କାନ୍ତୋଲ ହାଇସ୍କୁଲକୁ ଶ୍ରେଷ୍ଠ ପୁରସ୍କାର

**କାମାକ୍ଷାନଗର,୨୬।୧୨(ଡି.ଏନ.ଏ)**

ଢେଙ୍କାନାଳ ଜିଲା କଙ୍କଡାହାଡ ବ୍ଲକ କାନ୍ତୋଲ ପଞ୍ଚାୟତଠାରେ ଥିବା ସରକାରୀ ଆଦିବାସୀ ସେବାଶ୍ରମ ଉଚ୍ଚ ବିଦ୍ୟାଳୟକୁ ୨୦୨୧-୨୨ ମସିହା ପାଇଁ ବାର୍ଷିକ ପରୀକ୍ଷା ଫଳାଫଳ ଓ ଅନ୍ୟାନ୍ୟ କ୍ଷେତ୍ରରେ ସଫଳତା ନିମନ୍ତେ ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର ପ୍ରଦାନ କରାଯାଇଛି । ଭୁବନେଶ୍ୱରଠାରେ ଦୁଇଦିନ ବ୍ୟାପୀ ହେଉଥିବା ରାଜ୍ୟସ୍ତରୀୟ ସରଗିଫୁଲ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରିକାଙ୍କ ଠାରୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିକୁଞ୍ଜ ବିହାରୀ ରଣା ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏ ସମ୍ପର୍କରେ ପ୍ରଧାନଶିକ୍ଷକ କହିଛନ୍ତି, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଏକାଗ୍ରତା ମନୋଭାବ ଯୋଗୁ ଏହି ପୁରସ୍କାର ମିଳିଛି। ଏହାର ଶ୍ରେୟ ଗ୍ରାମବାସୀଙ୍କୁ ଯିବ।


କାନ୍ତୋଲ ହାଇସ୍କୁଲକୁ ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର ପ୍ରଦାନ କରାଯାଉଛି।

# ୧୦ମ ବାର୍ଷିକୀରେ ଶ୍ରଦ୍ଧାଞ୍ଜଳି

**ଢେଙ୍କାନାଳ ଅଫିସ,୨୬।୧୨**

ଢେଙ୍କାନାଳ ଜିଲାର ପ୍ରଥମ ମହିଳା ଖବରଦାତା ମମତା ଦାଶଙ୍କ ୧୦ମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ସ୍ଥାନୀୟ ପାରାଡାଇଜ୍ ଲେନ୍ ସମୃଦ୍ଧି ଭବନଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଗଣମାଧ୍ୟମ ପ୍ରତିନିଧି ରାଜଶ୍ରୀ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମାଜିକ କର୍ମୀ ରାମଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମମତା ଦାଶ ସ୍ନେହ ମମତାର ଅନୁଭବୀ ବ୍ୟକ୍ତିତ୍ୱ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ଅକ୍ଷୟ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରତିମା ସିହ୍ନା ଓ ସ୍ମିତାରାଣୀ ସାମଲ ଯୋଗଦେଇ ମମତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିସହିତ ରାଜ୍ୟ ସାହିତ୍ୟ ଏକାଡେମୀ ସଭ୍ୟ କବି ବାହାଦୁର ପାଟସାହାଣୀ, ଶିକ୍ଷାବିତ୍ ଡ. ସମୀର ସାହୁ, କାଉନସିଲର ନିରଦ କୁମାର ସାହୁ, ଶିକ୍ଷାବିତ୍ ନିଳନ ମିଶ୍ର, ସକ୍ରିୟ ନାଗରିକ ପରିଷଦ ଉପସଭାପତି ଅଖିଳ ମହାପାତ୍ର, ଗଣମାଧ୍ୟମ ପ୍ରତିନିଧି ଶିଶିର ଶତପଥୀ ଓ ଅରବିନ୍ଦ ସାହୁ ପ୍ରମୁଖ ମମତାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧି ଆଦିତ୍ୟ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ପ୍ରଦ୍ୟୁମ୍ନ ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କବି ଅଥୟ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିଳ୍ପୋଦ୍ୟୋଗୀ ଶ୍ରୀଧର ହୋତା, ସଦାଶିବ ମହାପାତ୍ର, ନାରାୟଣ ପଟ୍ଟନାୟକ, ସରୋଜ ଶତପଥୀ, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ତାପସ କୁମାର ମହାନ୍ତି, ଶରତ ବେହେରା, ଦୁଷ୍ମନ୍ତ ମହାନ୍ତି, ସୌମ୍ୟବ୍ରତ ସାହୁ, ଆଲୋକ ରଥ, କାଉନସିଲର ସୂର୍ଯ୍ୟପ୍ରତାପ ରାଉତ, ସୁମିତ୍ରା ମଲିକ ଓ ବଳରାମ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ସାମ୍ବାଦିକ ସଂଘ ଉପଦେଷ୍ଟା ସୁକାନ୍ତ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।


ଶ୍ରଦ୍ଧାଞ୍ଜଳି ସଭାରେ ମଞ୍ଚାସୀନ ଅତିଥିମାନେ।

# କୂଅରେ ପଡ଼ିଥିବା ଭାଲୁ ଉଦ୍ଧାର

**ଛେଣ୍ଡିପଦା,୨୬।୧୨(ସ୍ୱ.ପ୍ର.)**

କୋରଡା ଗ୍ରାମର ପରିତ୍ୟକ୍ତ କୂଅକୁ ଖସି ପଡ଼ିଥିବା ଏକ ଗାଡଭାଲୁକୁ ସୋମବାର ବନବିଭାଗ ସୁରକ୍ଷିତ ଭାବେ ଉଦ୍ଧାର କରିଛି। ବିଭାଗ ପକ୍ଷରୁ କୁହାଯାଇଛି, ବିଳମ୍ବିତ ରାତିରେ ଖାଦ୍ୟ ଅନ୍ୱେଷଣରେ ଏକ ଗାଡଭାଲୁ କୋରଡା ଗ୍ରାମ ନିକଟକୁ ଆସିଥିବା ବେଳେ ଆମ୍ବୁରୀ ସାହିର ଶୁକୁଟୁ ସାହୁଙ୍କ ବଗିଚାରେ ଥିବା ପରିତ୍ୟକ୍ତ କୂଅରେ ଖସି ପଡିଥିଲା। ସକାଳେ ଗ୍ରାମବାସୀ କୂଅରେ ଭାଲୁ ପଡିଥିବା ଦେଖି ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ୧ ଘଣ୍ଟା ପରିଶ୍ରମ କରିବା ପରେ ସୁରକ୍ଷିତ ଭାବେ ଗାଡଭାଲୁକୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ପରେ ଗାଡଭାଲୁଟି ଗ୍ରାମ ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲା।

# ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ଢେଙ୍କାନାଳ ଅଫିସ,୨୬।୧୨**

ଗଁଦିଆ ବ୍ଲକ କରମୁଳ ଅଶ୍ୱଖୋଲାସ୍ଥିତ ଧନେଶ୍ୱର ଜନଜାତି ଆବାସିକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ନିର୍ଦ୍ଦେଶକ ଡ. ସୁରେଶ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ଗୋଲକ କୁମାର ପାଣିଗ୍ରାହୀ, ସୁଧୀର ପଣ୍ଡା, ଚକ୍ରଧର ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ଉତ୍ସରେ ଦୌଡ, ଅଖାଡିଆଁ, ଦଉଡିଡିଆଁ ଆଦି ପ୍ରତିଯୋଗିତା ହୋଇଥିଲା। ସଂଗ୍ରାମ ଅନୁସୂଚିତ ଜାତି ଆବାସିକ ପ୍ରାଥମିକ ବିଦ୍ୟାଳୟରନ୍ ଏହି ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷକ ନରେଶ କୁମାର ସାହୁ ଓ ବିଜୟ କୁମାର ସାହୁ ପରିଚାଳନା କରିଥିଲେ। ମହେନ୍ଦ୍ର କୁମାର ସାହୁ ଓ ଦ୍ୱାରିକା ପ୍ରସାଦ ମହାନ୍ତିଙ୍କ ସମେତ ମିନତୀ ମିଶ୍ର, ବନଜାବାଳା ରାଉତ, ଶଶିଭୂଷଣ ଶତପଥୀ, ରୀତାଞ୍ଜଳି ବେହେରା, ମମତାରାଣୀ ବେହେରା, ପଲିଶ୍ରୀ ରାଉତ, ପ୍ରମୁଖ ସହାୟତା କରିଥିଲେ। ସୁଶାନ୍ତ ପଣ୍ଡା ଓ ପ୍ରଭାତ ତରେଇ ଧାରା ବିବରଣୀ ପ୍ରଦାନ କରିଥିଲେ।


ବାର୍ଷିକ ଉତ୍ସବକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ୬୨ ଅଭିଯୋଗର ସମାଧାନ

**ଢେଙ୍କାନାଳ ଅଫିସ,୨୬।୧୨**

ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଓ ଏସ୍‌ପି ଲୋଗାନୟାଗି ଦିବ୍ୟା ଭି. ଅଭିଯୋଗ ଗୁଡିକର ଶୁଣାଣି କରିଥିଲେ। ଶିବିରରେ ୮୧ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ତନ୍ମଧ୍ୟରୁ ୬୨ଟି ଅଭିଯୋଗର ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ପାଇଁ ଜଣେ ଓ ରେଡକ୍ରସ ସହାୟତା ପାଣ୍ଠି ପାଇଁ ୯ଜଣ ଆବେଦନ କରିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ତନ୍ମୟ କୁମାର ଦରୱନ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସଦର ବ୍ଲକ ବିଡିଓ ସୁଧୀର କୁମାର ନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଶିବିରରେ ଯୋଗ ଦେଇଥିଲେ।

# ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ

**କାମାକ୍ଷାନଗର, ୨୬।୧୨(ଡି.ଏନ.ଏ.)**

କାମାକ୍ଷାନଗର ଉପଖଣ୍ଡ ମଠକରଗୋଳା ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଚିତ୍ତରଞ୍ଜନ ଦାଶ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ସେବା ଯୋଜନାର ପୃଷ୍ଠଭୂମି, ଇତିହାସ, ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଏହା ମାଧ୍ୟମରେ କିପରି ବ୍ୟକ୍ତିତ୍ୱର ବିକାଶ ସମ୍ଭବ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଅପରାହ୍ନରେ ଭାରତ ସରକାରଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ଯୁବ ଅଧିକାରୀ ନକୁଳ ଚନ୍ଦ୍ର ଦେଓରା ପରିଦର୍ଶନରେ ଆସି ଶିବିରାର୍ଥୀଙ୍କୁ ମାର୍ଗ ଦର୍ଶନ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କାର୍ଯ୍ୟକ୍ରମ ସଂଯୋଜକ ଡ. ମନୋରଞ୍ଜନ ମହାନ୍ତି ଯୋଗଦେଇ ଜାତୀୟ ସେବା ଯୋଜନାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ସୋମନାଥ ପଣ୍ଡା, ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ସ୍ୱାଇଁ ସଂଯୋଜନା କରିଥିଲେ। ଏହି ଶିବିରରେ ୧୦୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଅଧ୍ୟାପିକା ଅର୍ଚ୍ଚିତା ମହାମାନସିଂହ, ସନ୍ତୋଷ ଲେଙ୍କା, ରଞ୍ଜିତ ସ୍ୱାଇଁ, ପ୍ରଦୀପ ନାୟକ, ବାସୁଦେବ ଖୁଣ୍ଟିଆ ପ୍ରମୁଖ ସହାୟତା କରୁଛନ୍ତି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଭାଇଜାଗକୁ ହରାଇ ଭୁବନେଶ୍ୱର ବିଜୟୀ


ଅତିଥିମାନେ କୃତୀ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

**ଭୁବନ,୨୬।୧୨(ଡି.ଏନ.ଏ.)**

ଭୁବନ ହାଇସ୍କୁଲ ଖେଳ ପଡିଆଠାରେ ଚାଲିଥିବା ସର୍ବ ଭାରତୀୟ ଦେବେନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ୫ମ ଦିବସ ମ୍ୟାଚ୍‌ରେ ଭାଇଜାଗ କ୍ରିକେଟ ଦଳକୁ ହରାଇ ଭୁବନେଶ୍ୱର ବିଜୟୀ ହୋଇଛି। ପ୍ରଥମେ ଭୁବନେଶ୍ୱର ବ୍ୟାଟିଂ କରି ୨୧୧ ରନ୍ କରିଥିଲା। ଜବାବରେ ଭାଇଜାଗ ୧୦୦ ରନ କରି ପରାସ୍ତ ହୋଇଥିଲା। ଭୁବନେଶ୍ୱର ଦଳ ପକ୍ଷରୁ ସନ୍ଦିପ କୁମାର ସେଠୀ ସର୍ବାଧିକ ୭୧ ରନ୍ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। କୈଳାସ ଚନ୍ଦ୍ର ବେହେରା, ଦିଜେନ୍ଦ୍ର ଘୋଷ ପରିଚାଳନା କରିଥିଲେ। ଅମିତାଭ ସାହୁ, ସୂର୍ଯ୍ୟ ପ୍ରକାଶ ରାଉତ ଧାରା ବିବରଣୀ ପ୍ରଦାନ କରିଥିଲେ। ମଙ୍ଗଳବାର ୬ଷ୍ଠ ଲିଗ୍ ମ୍ୟାଚ ଖେଳାଯିବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ସତ୍ୟାଗ୍ରହ

**ଢେଙ୍କାନାଳ ଅଫିସ,୨୬।୧୨**

ଢେଙ୍କାନାଳ ବସ୍‌ଷ୍ଟାଣ୍ଡସ୍ଥିତ ଗାନ୍ଧୀ ପାର୍କ ପରିସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ସୋମବାର ଭାଜପା ପକ୍ଷରୁ ସତ୍ୟାଗ୍ରହ କରାଯାଇଥିଲା। ୨୩ ବର୍ଷର ବିଜେଡି ଶାସନରେ ରାଜନୈତିକ ନେତାଙ୍କ ଅପରାଧର ଚରାଭୂଇଁ ପାଲଟିଛି ଓଡ଼ିଶା ବୋଲି ଭାଜପା ନେତୃବୃନ୍ଦ କହିଥିଲେ। ରାଜନୀତିରେ ଅପରାଧୀକରଣ ପ୍ରତିବାଦରେ ଏହି ପ୍ରତିବାଦ କରାଯାଇଥିବା ନେତୃବୃନ୍ଦ ପ୍ରକାଶ କରିଥିଲେ। ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ପାତ୍ର, ସନ୍ତୋଷ ରାଉତ, ରୁଦ୍ରନାରାୟଣ ତ୍ରିପାଠୀ, କରୁଣାକର ଦଳେଇ, କ୍ଷୀରୋଦ ସାହୁଙ୍କ ସମେତ ଦଳୀୟ କାଉନସିଲର ଉପସ୍ଥିତ ଥିଲେ। ସେହିପରି କାମାକ୍ଷାନଗର ଭାଜପା ପକ୍ଷରୁ ଗୋପବନ୍ଧୁ ପାର୍କରେ ପ୍ରତିବାଦ କରାଯାଇଥିଲା। ରବି ନାରାୟଣ ସାହୁଙ୍କ ନେତୃତ୍ୱରେ ଶେଷ ରଞ୍ଜନ ନାୟକ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ସଞ୍ଜୟ କୁମାର ରାଉତ, ସରୋଜକାନ୍ତ ବେହେରା, ପ୍ରସାଦ ସେଠୀ, ଶେଷଦେବ ନାଥ, ଜିତେନ୍ଦ୍ର କୁମାର ରାଉତ ପ୍ରମୁଖ ସାମିଲ ଥିଲେ।


ଢେଙ୍କାନାଳ ଭାଜପା ପକ୍ଷରୁ ସତ୍ୟାଗ୍ରହ କରାଯାଉଛି।


କାମାକ୍ଷାନଗର ଭାଜପା ପକ୍ଷରୁ ସତ୍ୟାଗ୍ରହ।

# ହାତୀପଲ ଭାଙ୍ଗି ଦେଲେ ଘର

**ପରଜଙ୍ଗ,୨୬।୧୨(ଡି.ଏନ.ଏ.)**

ଢେଙ୍କାନାଳ ବନଖଣ୍ଡ ମହାବୀରରୋଡ ରେଞ୍ଜ ଡିହଡୋଳ ଫରେଷ୍ଟ ସେକ୍ସନ କନ୍ତୋର ପଞ୍ଚାୟତ ଚାନ୍ଦପୁର ଗ୍ରାମରେ ହାତୀପଲ ଉପଦ୍ରବ ଚଳାଇଛନ୍ତି। ଗ୍ରାମର ମଞ୍ଜୁଲତା ନାଏକଙ୍କ ୨ ବଖରା ଘର ସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର, ଧାନ, ଚାଉଳ ଆଦି ନଷ୍ଟ କରି ଦେଇଛନ୍ତି। ରବିବାର ରାତିରେ ପରିବାର ଲୋକେ ଶୋଇଥିବା ବେଳେ ହାତୀପଲ ପ୍ରଥମେ ମଞ୍ଜୁଲତାଙ୍କ ପାଇଖାନା ଘର ଭାଙ୍ଗି ଥିଲେ। ଶବ୍ଦ ଶୁଣି ପରିବାର ଲୋକେ ଘର ବାହାରକୁ ଚାଲି ଆସିଥିଲେ। ହାତୀପଲଙ୍କୁ ଦେଖି ପରିବାର ଲୋକେ ଶବର ସାହି ମଧ୍ୟକୁ ପଳାଇ ଆସିଥିଲେ। ବନ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପରିବାର ଲୋକଙ୍କୁ ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ସାହୁ, ସାମାଜିକ କର୍ମୀ ଅମରେଶ ସାହୁ, ମଞ୍ଜୁଲତାଙ୍କ ପରିବାରକୁ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ ସହ କିଛି ଆର୍ଥିକ ସହାୟତା କରିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।



